## କରଞ୍ଜିଆରେ ଝାଡ଼ଖଣ୍ଡୀ ହାତୀପଲ

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ପାର୍ବତୀପୁର ଆମ୍ବତୋଟାରେ ଝାଡ଼ଖଣ୍ଡି ହାତୀପଲ ପ୍ରବେଶ କରିଛନ୍ତି। କେନ୍ଦୁଝର ଜିଲା ବୈତରଣୀ ନଦୀ ପାର ହୋଇ ପଶି ଆସିଥିବା ଏହି ପଲରେ ୧୮ଟି ହାତୀ ରହିଛନ୍ତି। ଦୀର୍ଘ ଦିନ ବ୍ୟବଧାନ ପରେ ହାତୀପଲ ଫେରିଥିବାରୁ ଆଖପାଖ ଗ୍ରାମର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ସେମାନଙ୍କ ଗତିବିଧି ଉପରେ ନଜର ରଖିଛି।

## ସଂକ୍ଷେପରେ

### ଯୁବକ ଫେରାଇଲେ ୯୦ହଜାର ଟଙ୍କା

**ଜଳେଶ୍ୱର, ୮।୭(ଡି.ଏନ.ଏ.):** ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧୀନ ମାଗୁଣିଆପଡ଼ା ଗାଁର ପୂର୍ଣ୍ଣେନ୍ଦୁ ଘୋଷଙ୍କ ଭଉଣୀ ନାମରେ ପଶ୍ଚିମବଙ୍ଗର ଜଣେ ବ୍ୟକ୍ତି ୯୦ହଜାର ଟଙ୍କା ପଠାଇବାକୁ ଥିଲା। ଭୁଲକ୍ରମେ ସେ ବ୍ୟାଙ୍କ ଅଫ ବରୋଦାର ଅନ୍ୟ ଏକ ଆକାଉଣ୍ଟକୁ ନେଟ୍ ବ୍ୟାଙ୍କିଂରେ ପଠାଇ ଦେଇଥିଲେ। ଉକ୍ତ ଟଙ୍କା କଳମା ପଞ୍ଚାୟତର ଖୁଣ୍ଟା ଗାଁର ମୃତ୍ୟୁଞ୍ଜୟ ବେହେରାଙ୍କ ଆକାଉଣ୍ଟକୁ ଚାଲିଯାଇଥିଲା। ପୂର୍ଣ୍ଣେନ୍ଦୁ ଏ ସମ୍ପର୍କରେ ମୃତ୍ୟୁଞ୍ଜୟ ବେହେରାଙ୍କୁ ଜଣାଇବାରୁ ସେ ବରଡିହାସ୍ଥିତ ବ୍ୟାଙ୍କ ଅଫ ବରୋଦା ଶାଖାରୁ ନିଜର ଚେକ୍ ଯୋଗ ୯୦ହଜାର ଟଙ୍କା ଉଠାଇ ଫେରାଇଛନ୍ତି। ଘଟଣା ଜଣାଯିବା ପରେ ଯୁବକଙ୍କ ମହନୀୟତା ପାଇଁ ବହୁ ଲୋକ ସାଧୁବାଦ ଜଣାଇଛନ୍ତି।

### ବାଇକ୍‌ରୁ ଖସି ପଡ଼ିଲେ, ଟ୍ରକ୍ ଚଢ଼ିଗଲା

**ବନ୍ତ,୮।୭(ଡି.ଏନ.ଏ.)**-ଭଦ୍ରକ ଜିଲା ବନ୍ତ ବ୍ଲକ ତଥା ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥର ବନ୍ତ ମେଡିକାଲ ଛକଠାରେ ଗୁରୁବାର ଜଣେ ମହିଳା ବାଇକ୍‌ରୁ ଖସି ପଡ଼ିଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଉପରେ ଏକ ଟ୍ରକ୍ ଚଢ଼ିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମହିଳା ଜଣଙ୍କ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ କେନ୍ଦୁଆଣି ଅଞ୍ଚଳର ଶାକର ମୁର୍ମୁ(୫୦) ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି। ସୂଚନା ଅନୁଯାୟୀ, ଶାକର ନିଜ ଗ୍ରାମରୁ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ଭଦ୍ରକ ଆସୁଥିବା ବେଳେ ବନ୍ତଠାରେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ପହଞ୍ଚି ଟ୍ରକ୍ ଓ ବାଇକକୁ ଜବତ କରି ଥାନାକୁ ନେଇଛି।

### ବଧୂହତ୍ୟା ଘଟଣା: ଅଭିଯୁକ୍ତଙ୍କୁ ଗିରଫ ଦାବି

**ଭଦ୍ରକ ଅଫିସ, ୮।୭**-ଭଦ୍ରକ ଜିଲା ଧାମନଗର ଥାନା ଅଧୀନ କରଜିଗୁଣ୍ଡପୁର ଗାଁରେ ଯୌତୁକ ଜନିତ ବଧୂହତ୍ୟା ଘଟଣାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ମୃତା ମହିଳାଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ, ଧାମନଗର ଥାନା ଅଧୀନ ଚୂଡ଼ାକୁଟି ସୋରିଷଡିହ ଗ୍ରାମର ସବିତା ବାରିକଙ୍କ ସହ କରଜିଗୁଣ୍ଡପୁରର ମଣ୍ଟୁ ବାରିକଙ୍କର ୨୦୧୯ରେ ବିବାହ ହୋଇଥିଲା। ପରେ ଅଧିକ ଯୌତୁକ ଦାବିରେ ସବିତାଙ୍କୁ ନିର୍ଯାତନା ଦିଆଯାଇଥିଲା। ଗତ ଜୁନ୍ ୨୦ରେ ସବିତା ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ଭଦ୍ରକ ଓ ପରେ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୨୪ରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ବିଷ ପିଆଇ ହତ୍ୟା କରାଯାଇଥିବା ସବିତାଙ୍କ ମା' ପ୍ରମିଳା ଦାସଙ୍କ ଅଭିଯୋଗ କ୍ରମେ ଧାମନଗର ଥାନାରେ ମାମଲା(ନଂ ୧୭୭/୨୧) ରୁଜୁ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ମୃତା ସବିତାଙ୍କ ସ୍ୱାମୀ ମଣ୍ଟୁଙ୍କୁ ଗିରଫ କରିଥିଲା।

### ଯୁବତୀଙ୍କ ଆତ୍ମହତ୍ୟା

**ରସାଲପୁର, ୮।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ସଦର ଥାନା ଅଧୀନ କୁରୁଡ଼ା ଗ୍ରାମର ଜଣେ ଯୁବତୀ ଫାଶି ଦେଇ ଆତ୍ମହତ୍ୟା କରିଛନ୍ତି। ଏନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୦/୨୧) ରୁଜୁ ହୋଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେ ଅଜା ଘରେ ରହି ପଢୁଥିଲେ। ଗୁରୁବାର ସେ ତାଙ୍କ ଅଜାଙ୍କୁ ଟ୍ୟୁଶନ ଟଙ୍କା ମାଗିଥିଲେ। ହେଲେ ସେ ନ ଦେବାରୁ ନିଜ ଶୋଇବା ଘରେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ଟ୍ରକ୍ ଧକ୍କାରେ ଯନ୍ତ୍ରୀ ମୃତ

**ପାଟଣା,୮।୭(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଗୁରୁବାର ଟ୍ରକ ଦୁର୍ଘଟଣାରେ ଜଣେ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ବୁଢାମରାର ବେଣୁଧର ଗୋଛାୟତ। ସେ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଆଲ କୋପରେଶନରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି। ଏନେଇ କେନ୍ଦୁଝର ଟାଉନ ଥାନାରେ ଏକ ମାମଲା (ନଂ.୫୬/୨୧) ରୁଜୁ ହୋଇଛି।

### କାର୍ ଧକ୍କାରେ ଯୁବକ ମୃତ

**ବୈଶିଙ୍ଗା,୮।୭(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପଦ୍ମଲାଭପୁର ଟୋଲ ପ୍ଲାଜା ନିକଟରେ ଗୁରୁବାର ପୂର୍ବାହ୍ନରେ ଏକ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନିକଟସ୍ଥ ପଣସିଆ ଗ୍ରାମର ବାବୁ ସିଂଙ୍କ ପୁଅ ଚଗୁଲୁ। ସାଇକେଲରେ ରାସ୍ତା ଅତିକ୍ରମ କରୁଥିବା ବେଳେ କାରଟି ତାଙ୍କୁ ଧକ୍କା ଦେଇଥିଲା।

# ଚାଷଜମି ପାଲଟିଛି ଚାରଣଭୂଇଁ

**ବନ୍ତ,୮।୭(ସ୍ୱ.ପ୍ର.)**

ଚଳିତବର୍ଷ ମୌସୁମୀ ବର୍ଷା ଉଭାନ ହୋଇଯାଇଛି। ଆଷାଢ଼ ମାସରେ ବର୍ଷା ବଦଳରେ ଖରା ହେଉଥିବାରୁ ଚାଷଜମି ଶୁଖିଲା ପଡ଼ିଛି। ଖରିଫ ଚାଷ ପାଇଁ ଏବେ ଜମିରେ ଚାଷୀ ତଳି ପକାଇ ଚାଷ କାମ ଆରମ୍ଭ କରିଥାନ୍ତେ। ମୌସୁମୀର ଅନିୟମିତତା ପାଇଁ ଭଦ୍ରକ ଜିଲା ବନ୍ତ ବ୍ଲକର ୧୮ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମି ଚାରଣ ଭୂଇଁ ପାଲଟିଛି।

ଜୁନ ୨ୟ ସପ୍ତାହରେ ମୌସୁମୀ ବର୍ଷା ଓଡ଼ିଶାରେ ପହଞ୍ଚିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ପ୍ରକାଶ ପାଇବା ପରେ ବିଲରେ ଧାନ ବୁଣା ହୋଇ ନ ପାରିଲେ ମଧ ସଅଳ ତଳି ପକାଇ ରୁଆ ଆରମ୍ଭ ହୋଇଯିବ ବୋଲି ଚାଷୀମାନେ



ଚାଷ ଜମିରେ ଗୋରୁ ଚରୁଛନ୍ତି।

ଆଶା ବାନ୍ଧିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ବିଲରେ ତଳି ପକାଇବାକୁ ଆବଶ୍ୟକ ପାଣି ହୋଇପାରୁ ନ ଥିବାରୁ ଚାଷୀକୁଳ ଏବେ ଆଶଙ୍କାରେ ଅଛନ୍ତି। ସାଧାରଣତଃ ରଜ ପରେ ଅର୍ଥାତ୍ ଜୁନ୍ ୩ୟ ସପ୍ତାହରେ ତଳିପକା କାମ ଆରମ୍ଭ ହୁଏ। କିନ୍ତୁ ଚଳିତବର୍ଷ ଏପର୍ଯ୍ୟନ୍ତ ତଳି ପଡ଼ିପାରି ନାହିଁ।

ପ୍ରକାଶ ଯେ, ଏହି ବ୍ଲକରେ ମୋଟ ୧୮, ୮୬୫ ହେକ୍ଟର ଚାଷଜମି ମଧ୍ୟରୁ ପ୍ରାୟ ୧୨ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ। ୫ ହଜାର ହେକ୍ଟର ବୁଣା ହେଉଥିବା ବେଳେ ବାକି ୧୩ ହଜାର ୮୬୫ ହେକ୍ଟର ଜମି ରୁଆ ହୋଇଥାଏ। ଚଳିତବର୍ଷ ବୁଣା ହୋଇ ନ ପାରିବାରୁ ସମସ୍ତ ଜମି ରୁଆ ହେବାକୁ ରହିଛି। ଅପରପକ୍ଷେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜମିରେ ଅନାବନା ଘାସ ବୃଦ୍ଧି ପାଉଥିବାରୁ ଘାସ ଦମନ ଚାଷୀଙ୍କ ଚିନ୍ତା ବଢ଼ାଇଛି। ଚାଷ କାମ ବିଳମ୍ବରେ ଆରମ୍ଭ ହେଲେ ଅମଳ ବିଳମ୍ବ ହେବ। ଧାନ ପାଚିବା ବେଳକୁ ପାଣି ଅଭାବ ଯୋଗୁ ଅମଳ କମିବା ନେଇ ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

# ଖଣିଜ ଟ୍ରେଡିଂ ଲାଇସେନ୍ସ ନିଲମ୍ବନ

**ଯୋଡ଼ା,୮।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳର ଖଣି ଯୁଗ୍ମନିର୍ଦ୍ଦେଶାଳୟରୁ ପ୍ରଦାନ କରାଯାଇଥିବା ବିଭିନ୍ନ ଖଣିଜ ଟ୍ରେଡିଂ ସଂସ୍ଥାକୁ ବିଭାଗ ପକ୍ଷରୁ ଲାଇସେନ୍ସ ନିଲମ୍ବନ କରାଯାଇଛି। ଯୁଗ୍ମ ନିର୍ଦ୍ଦେଶାଳୟର ଜଣେ ଖଣି ଅଧିକାରୀ ନିଜ ନାମକୁ ଗୋପନରେ ରଖି କହିଛନ୍ତି, ପ୍ରାୟ୧୨୦ଟି ଖଣିଜ ଟ୍ରେଡିଂ ଲାଇସେନ୍ସକୁ ଠିକ ଫର୍ମ(ଇ) ମାଧ୍ୟମରେ ଖଣିବିଭାଗକୁ ରିଟର୍ନ ଦେଉ ନଥିବାରୁ ନିଲମ୍ବନ କରାଯାଇଛି ଓ ସମ୍ପୃକ୍ତ

### କାରଣ ଦର୍ଶାଅ ନୋଟିସ

ଲାଇସେନ୍ସଧାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଦୀର୍ଘଦିନ ଧରି ଟ୍ରେଡିଂ ଲାଇସେନ୍ସଧାରୀମାନେ ଅନିୟମିତତା କରି ଆସୁଥିଲେ ହେଁ ଏମାନଙ୍କ ପ୍ରତି କାହିଁକି ୦ଖଣିବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲା ଏହାକୁ ନେଇ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣେ ଖଣି ବିଭାଗ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ବୈଷୟିକ କମିଟିର ପରିଦର୍ଶନ ପରେ ଗଣଧାରଣା ସ୍ଥଗିତ



ବୈଷୟିକ କମିଟିକୁ ଦାବିପତ୍ର ଦିଆଯାଉଛି।

**ଭଣ୍ଡାରିପୋଖରୀ, ୮।୭ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ସମ୍ମୁଖରେ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ପକ୍ଷରୁ ଦିଆଯାଇଥିବା ଧାରଣା ବୁଧବାରଠାରୁ ସ୍ଥଗିତ ରଖାଯାଇଛି। ଜିଲା ପ୍ରଶାସନ ଓ ସୁରକ୍ଷା କମିଟିର ନିଷ୍ପତ୍ତି କ୍ରମେ ଗଠିତ ବୈଷୟିକ କମିଟି ଗୁରୁବାର ଜଗନ୍ନାଥପ୍ରସାଦ ବାଲି ସଇରାତ ନିକଟ ବାଲିପୋଖରୀ ଏସ୍କେପ୍ ଓ ନଦୀବନ୍ଧ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛି। ସୁରକ୍ଷା କମିଟି ପକ୍ଷରୁ ଆଖୁଆପଦା ଆନିକଟ ଜଳସମ୍ପଦ କାର୍ଯ୍ୟାଳୟଠାରେ ବୁଧବାରଠାରୁ ଗଣଧାରଣାରେ ବସିଥିବା ସଦସ୍ୟମାନଙ୍କ ସହ ଏହି କମିଟି ଆଲୋଚନା କରିଥିଲା। ସୁରକ୍ଷା କମିଟି ଆବାହକ ଅକ୍ଷୟ ତ୍ରିପାଠୀ ଓ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ ଦାବିପତ୍ର ଉପଜିଲାପାଳ ପୀତାମ୍ବର ସାମଲଙ୍କୁ ପ୍ରଦାନ କରିଥିଲେ। ବୈଷୟିକ କମିଟିରେ ଉପଜିଲାପାଳ ସାମଲଙ୍କ ନେତୃତ୍ୱରେ ଯାଜପୁର ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିନିଧି ଆଖୁଆପଦା ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା, ତହସିଲଦାର କ୍ଷୀରୋଦ ପଣ୍ଡା, ଭଦ୍ରକ ଭୂତତ୍ତ୍ୱବିତ୍ ଜେ. ସୁସ୍ମିନାରାଣୀ ପ୍ରମୁଖ ସଇରାତରୁ ବାଲି ଉଠାଣ ନେଇ ବିପର୍ଯ୍ୟୟର ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରି ଅଞ୍ଚଳବାସୀଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହାପରେ ଧାରଣାକୁ ସ୍ଥଗିତ ଘୋଷଣା କରାଯାଇଥିଲା। ବସନ୍ତ ତ୍ରିପାଠୀ, ପ୍ରକାଶ ମହାପାତ୍ର, ନାରାୟଣ ବେହେରା, ନଟବର ପରିଡ଼ା, ମହେଶ୍ୱର ଦାସ, ଗିରୀଶ ସାମଲ, ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାଂଲାଦେଶର ଯୁବଗୋଷ୍ଠୀ ଶିଖିବେ ମୟୂରଭଞ୍ଜ ଛଉ

**ବାରିପଦା ଅଫିସ, ୮।୭**

ବାଂଲାଦେଶର ଯୁବଗୋଷ୍ଠୀ ମୟୂରଭଞ୍ଜ ଛଉନୃତ୍ୟ ପ୍ରତି ଆକୃଷ୍ଟ ହେବା ସହ ଏହା ଶିଖିବାର ଇଚ୍ଛା ପ୍ରକଟ କରିଛନ୍ତି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୯ରୁ ୧୧ତାରିଖ ପର୍ଯ୍ୟନ୍ତ ଭର୍ଚୁଆଲ ମୋଡ୍‌ରେ ଏକ ଛଉନୃତ୍ୟ କର୍ମଶାଳା ଅନୁଷ୍ଠିତ ହେବାକୁ ଯାଉଛି। ପ୍ରୋଜେକ୍ଟ ଛାଉଣୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀ, ପ୍ରସିଦ୍ଧ ନୃତ୍ୟାଙ୍ଗନା ତଥା ନୃତ୍ୟ ନିର୍ଦ୍ଦେଶିକା ମୈତ୍ରୀ ପାହାଡ଼ି ଏବଂ ବାଂଲାଦେଶର ରାଜଧାନୀ ଢାକାସ୍ଥିତ ପ୍ରମୁଖ ନୃତ୍ୟାନୁଷ୍ଠାନ ସାଧନାର ମିଳିତ ଉଦ୍ୟମରେ ଏହାର ଆୟୋଜନ କରାଯାଇଛି। ଛଉ ନୃତ୍ୟ ଓସ୍ତାଦ ତ୍ରିଲୋଚନ ମହାନ୍ତ ଓ ପାଗୁଲୁ ଜେନାଙ୍କ ସମେତ ଛଉନୃତ୍ୟ ଶିଳ୍ପୀ ସଚିନା ଧଡ଼ା ପ୍ରମୁଖ ୩ଦିନ ଧରି ଏହି କର୍ମଶାଳାରେ ବାଂଲାଦେଶର ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରିବେ। ସୂଚନା ଥାଉକି, ମୟୂରଭଞ୍ଜ ଛଉନୃତ୍ୟର ପ୍ରଚାର ପ୍ରସାର ସହ ଏହି ଐତିହାସିକ ନୃତ୍ୟର ସଂରକ୍ଷଣ ଉଦ୍ଦେଶ୍ୟରେ ୨୦୧୭ରେ ତତ୍କାଳୀନ ଜିଲାପାଳ ରାଜେଶ ପ୍ରଭାକର ପାଟିଲ ପ୍ରୋଜେକ୍ଟ ଛାଉଣୀ ଆରମ୍ଭ କରିଥିଲେ। ପ୍ରମୁଖ ଛଉନୃତ୍ୟ ଶିଳ୍ପୀ ଶୁଭଶ୍ରୀ ମୁଖାର୍ଜୀ ଏହାର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଥିଲେ। ଇତି ମଧ୍ୟରେ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ସମଗ୍ର ଦେଶର ପ୍ରାୟ ୨୦୦ ଷ୍ଟେଜରେ ମୟୂରଭଞ୍ଜ ଛଉନୃତ୍ୟ ପ୍ରଦର୍ଶନ କରାଯାଇଛି। ସେହିପରି ଗତ ୨୦୧୯ ଡିସେମ୍ବରରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ପ୍ରୋଜେକ୍ଟ ଛାଉଣୀର ଏକ ନୃତ୍ୟ ଦଳ ୱେଷ୍ଟଇଣ୍ଡିଜ ଏବଂ ସାଉଥ୍ ଆମେରିକା ଗସ୍ତରେ ଯାଇ ୧୬ଟି ସହରରେ ନୃତ୍ୟ ପ୍ରଦର୍ଶନ ସହ ୯ଟି ନୃତ୍ୟ କର୍ମଶାଳାରେ ସେଠାକାର ଯୁବତୀ ଯୁବକଙ୍କୁ ମୟୂରଭଞ୍ଜ ଛଉନୃତ୍ୟ ଶିକ୍ଷା ଦେଇ ପ୍ରତ୍ୟାବର୍ତ୍ତନ କରିଥିଲେ।



ମୟୂରଭଞ୍ଜ ଛଉ ନୃତ୍ୟ।

# ଗୋଦାମ ଭାଙ୍ଗି ଚାଉଳ ଖାଇଗଲା ଦନ୍ତା

**ଚମ୍ପୁଆ, ୮।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ହାତୀ ଉପଦ୍ରବ କମିବାରେ ନାଆଁ ଧରୁ ନାହିଁ। ହାତୀପଲଙ୍କ ପାଇଁ ଗ୍ରାମବାସୀଙ୍କ ନିଦ ହଜିଗଲାଣି। କେତେବେଳେ ଅଧରାତିରେ ଘର ଭାଙ୍ଗୁଛନ୍ତି ତ କେତେବେଳେ ଏକର ଏକର ଚାଷ ନଷ୍ଟ କରିଚାଲିଛନ୍ତି। ବନବିଭାଗ ହାତୀପଲ ଉପରେ ନଜର ରଖିଥିବା ବେଳେ ବନବିଭାଗକୁ ଚକମା ଦେଇ ହାତୀ ଉପଦ୍ରବ ଚଳାଇଛନ୍ତି। ଗତ ବୁଧବାର ଦଳରୁ ବାହାରି ଏକ ଦନ୍ତା ସୁନାପଶି ପଞ୍ଚାୟତର ଯୋଡ଼ା ପୋଖରି ଅଞ୍ଚଳର ଶକ୍ତି ଚକାଡୋଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ବଣ୍ଟା ହେବାକୁ ଥିବା ଖାଉଟି ଚାଉଳ ଗୋଦାମ ଘରକୁ ରାତି ଅଧରେ ଭାଙ୍ଗି ଚାଉଳ ଖାଇବା ସହିତ ଅନେକ ଚାଉଳବସ୍ତାକୁ ନଷ୍ଟ କରିଦେଇଛି। ଫଳରେ ବଣ୍ଟା ହେବାକୁ ଥିବା ଚାଉଳ କେମିତି ଖାଉଟିଙ୍କୁ ଦିଆ ଯିବ ତାହା ଏବେ ଗୋଷ୍ଠୀ ସଦସ୍ୟଙ୍କୁ ଚିନ୍ତାରେ ପକାଇଛି ବୋଲି ସଭାପତି ଚମ୍ପାବତୀ ମହାନ୍ତ ସୂଚନା ଦେଇଛନ୍ତି।

# ବ୍ଲକ କାର୍ଯ୍ୟାଳୟ ଘେରିଲା ଭାଜପା

### ଆବାସ ଯୋଜନାରେ ଦୁର୍ନୀତି

**ଝୁମ୍ପୁରା/ଘଟଗାଁ/ଭଣ୍ଡାରିପୋଖରୀ/ ବାରିପଦା ଅଫିସ/କୁଆମରା, ୮।୭ (ଡି.ଏନ.ଏ.)**

କେନ୍ଦୁଝର ,ଭଦ୍ରକ ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନ ଦୁର୍ନୀତି ହେଉଥିବା ଅଭିଯୋଗରେ ଗୁରୁବାର ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସଦର ବିଧାୟକ ମୋହନ ଚରଣ ମାଝୀ, ଜିଲାପରିଷଦ ସଦସ୍ୟ ଅନୁବ୍ରତ ବେହେରା, ମଣ୍ଡଳ ସଭାପତି ମହେନ୍ଦ୍ର ପଟ୍ଟନାୟକ ପ୍ରମୁଖ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଭାଜପା କାର୍ଯ୍ୟକର୍ତ୍ତା ଝୁମ୍ପୁରା ବିଡିଓ ବିଜୟ କୁମାର ନାୟକଙ୍କୁ ଦେଇଥିଲେ। ସେହିପରି ଘଟଗାଁ ଭାଜପା ମଣ୍ଡଳ ସଭାପତି ଗୋଲକ ବଳଙ୍କ ନେତୃତ୍ୱରେ ଘେରାଉ କରାଯାଇଥିଲା।

ଭଣ୍ଡାରିପୋଖରୀ ବ୍ଲକ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ନିର୍ମଳ କର, ଗିରୀଶ ସାମଲ, ମୁକୁନ୍ଦ ମଲ୍ଲିକ, ଜଗବନ୍ଧୁ ଦାସ, ମଣିକାଞ୍ଚନ ସେନାପତି, ତପସ୍ୱିନୀ ମହାପାତ୍ର, ବାବାଜୀ ଜେନା, ସୁରେଶ ସାମଲ ପ୍ରମୁଖ ଏଥିରେ ସାମିଲ ଥିଲେ।

ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ସେହିପରି ଗୋପବନ୍ଧୁ ନଗର ବ୍ଲକ ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ରବୀନ୍ଦ୍ର ମଲ୍ଲିକଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ବାଲିଆପାଳରେ ଜିଲାପାଳ

**ଲଙ୍ଗଳେଶ୍ୱର, ୮।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁବାର ଅପରାହ୍ନରେ ବାଲିଆପାଳ ବ୍ଲକ ଗସ୍ତରେ ଆସି ତହସିଲ ଅଫିସରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏଥିସହିତ କଟୁଆପଡ଼ାଠାରେ ହେବାକୁ ଥିବା ବସ୍‌ଷ୍ଟାଣ୍ଡ ଓ ବାଲିଆପାଳଠାରେ ହେବାକୁ ଥିବା ଅବକାରୀ ଥାନାର ସ୍ଥାନ ବୁଲି ଦେଖିଥିଲେ। ତହସିଲଦାର ଦୀପକ କୁମାର ଦାଶ ଜିଲାପାଳଙ୍କୁ ବିଭିନ୍ନ ସ୍ଥାନ ଦେଖାଇଥିଲେ। କାର୍ଯ୍ୟକ୍ରମରେ ଜିଲା ପରିବହନ ଅଧିକାରୀ ଉପସ୍ଥିତ ଥିଲେ।

# ପୁଅବୋହୂଙ୍କ ନିର୍ଯାତନା ସହି ନ ପାରି ଥାନା ଦ୍ୱାରସ୍ଥ

**ବାଲେଶ୍ୱର ଅଫିସ, ୮।୭**

ପୁଅବୋହୂଙ୍କ ନିର୍ଯାତନା ସହି ପାରି ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଦେଉଳା ପଞ୍ଚାୟତ ବାସୁଦେବପୁର ଗ୍ରାମର ଏକ ବୃଦ୍ଧ ଦମ୍ପତି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବୃଦ୍ଧ ଅବସ୍ଥାରେ କେହି ପୁଅବୋହୂ ମୁହଁକୁ ନ ଚାହିଁ ନାନାପ୍ରକାର ମାନସିକ ନିର୍ଯାତନା ଦେବା ସହ ମାର୍‌ପିଟ୍ କରୁଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି।

ବୃଦ୍ଧ ଦମ୍ପତିଙ୍କ ଦୁଇ ପୁଅ। ବାପା ବାଡ଼ିରେ ଥିବା ଗଛରୁ ପଇଡ଼ ବିଛାଉଥିବା ବେଳେ ବଡ଼ବୋହୂ ଓ ବଡ଼ପୁଅ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି। ତେବେ ମା' ଓ ବାପାଙ୍କୁ ନେଇ ବଡ଼ପୁଅ ଓ ସାନପୁଅଙ୍କ ଭିତରେ ବହୁବାର ବିଚାର ହେବା ସତ୍ତ୍ୱେ ବଡ଼ପୁଅ ଅମାନ୍ୟ କରୁଥିବା ବୃଦ୍ଧା ମା' କହିଛନ୍ତି । ବୃଦ୍ଧା ମା' ଓ ବାପା ନାନାଦି ରୋଗରେ ସଦାବେଳେ ଆକ୍ରାନ୍ତ ହେଉଥିବା ବେଳେ ସେମାନଙ୍କ ପାଖରେ ସେଭଳି ସମ୍ବଳ ନ ଥିବା ବେଳେ ବଡ଼ପୁଅ ଓ ବଡ଼ବୋହୂ ମା'-ବାପାଙ୍କ ପ୍ରତି କର୍ତ୍ତବ୍ୟ କରିବା ତ ଦୂରର କଥା ଘରୁ ତଡ଼ି ଦେବା ନେଇ ଉଦ୍ୟମ କରୁଛନ୍ତି। ତେବେ ବୃଦ୍ଧା ମା'-ବାପା କିପରି ଶାନ୍ତିରେ ଜୀବନ କାଟିବେ ସେନେଇ ବାଲିଆପାଳ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି।

# ବଡ଼ବିଲରେ ରାଷ୍ଟ୍ରୀୟ ଜନଜାତି ଆୟୋଗ ସଦସ୍ୟ

**ବଡ଼ବିଲ, ୮।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳକୁ ରାଷ୍ଟ୍ରୀୟ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ବୁଧବାର ଗସ୍ତରେ ଆସି ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ଅଭିଯୋଗ ଶୁଣିଛନ୍ତି। ପ୍ରସ୍ତାବିତ ବଡବିଲ ବାଇପାସ ରିଂ ରୋଡକୁ କାଶିଆ, ଝାଡଗାଁ, ଭୁଷୁଗାଁ ଗ୍ରାମ ବାହାର ଦେଇ ନେବାକୁ ଜନସାଧାରଣ ଆୟୋଗ ସଦସ୍ୟ ଅନନ୍ତଙ୍କୁ ଜଣାଇବା ସହ ଗ୍ରାମ ଭିତର ଦେଇ ବାଇପାସ ଗଲେ ଗ୍ରାମର ସ୍କୁଲ, ଧାର୍ମିକସ୍ଥଳୀ, ଅଙ୍ଗନୱାଡିକେନ୍ଦ୍ର, ମଶାଣି ଆଦି ପ୍ରଭାବିତ ହେବାକୁ ଥିବାବେଳେ ବିକଳ୍ପ ରାସ୍ତା ଦେଖାଇଥିଲେ ଗ୍ରାମବାସୀ। ଆୟୋଗ ସଦସ୍ୟ ଅନନ୍ତଙ୍କ ସହ କମିଶନଙ୍କ ଉପନିର୍ଦ୍ଦେଶକ ରାକେଶ କୁମାର ଦୁବେ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ରହିଥିଲେ ।

# ଡାକ୍ତର ନିଯୁକ୍ତି ନ ହେଲେ ଆନ୍ଦୋଳନ

**ଜଳେଶ୍ୱର, ୮।୭ (ଡି.ଏନ.ଏ)**

ବାଲେଶ୍ୱର ଜିଲା ଜଳେଶ୍ୱରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ନବଗଠିତ ନାଗରିକ ସମାଜ ଏକ ଖବରଦାତା ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଛି। ସମସ୍ୟା ସମାଧାନ ଲାଗି ଗଠିତ କମିଟି ଆଗାମୀ ଦିନରେ ସ୍ୱାସ୍ଥ୍ୟ ବିଭାଗର ରାଜ୍ୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବ ଏବଂ ଆବଶ୍ୟକ ହେଲେ ଆମରଣ ଅନଶନ କରାଯିବ ବୋଲି ସ୍ଥିର ହୋଇଛି।

ଜଳେଶ୍ୱରର ପ୍ରତ୍ୟେକ ଡାକ୍ତରଖାନାରେ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି, ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ସରଞ୍ଜାମ ସହ ଟେକ୍ନିସିଆନ ନିଯୁକ୍ତି, ପୋଷ୍ଟମର୍ଟମ ବ୍ୟବସ୍ଥା, ଜିକେଭଟ୍ଟର ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ରୋଗୀ କଲ୍ୟାଣ ସମିତି ଓ ଗାଁ କଲ୍ୟାଣ ସମିତିଗୁଡ଼ିକ ନିୟମିତ ସକ୍ଷମ କରାଇବା ଲାଗି ଦାବି କରାଯାଇଛି। ଆସନ୍ତା ୧୮ ତାରିଖରେ ଏଥିନେଇ ବୃହତ୍ତର ବୈଠକ ପାଇଁ ନିଷ୍ପତ୍ତି ହୋଇଛି। ବିଧାୟକ, ଏମ୍‌ପିଙ୍କ ସହ ଏନ୍‌ଏଚ୍‌ଏମ୍, ଜିଲାପାଳ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଏଥିଲାଗି ଦୃଷ୍ଟି ଆକର୍ଷଣ କରାଯିବ। ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# 'ନିଷ୍ଠା ଥିଲେ ସଫଳତା ମିଳେ'

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ, ୮।୭**

ବ୍ୟବସାୟ ଛୋଟ କି ବଡ଼ ନିଷ୍ଠାରେ ନିୟମିତ କଲେ ସଫଳତା ମିଳେ। ଏହି ଉକ୍ତିକୁ ସାର୍ଥକ କରିଛନ୍ତି ରେମୁଣା ବ୍ଲକ ବେଗମପୁର ଗ୍ରାମର ୭୫ବର୍ଷୀୟ ଅଚ୍ୟୁତାନନ୍ଦ ପୃଷ୍ଟି। ଦୀର୍ଘ ୫୩ବର୍ଷ ଧରି ବାଲେଶ୍ୱର ସହର ବିଭିନ୍ନ ଗଳିକନ୍ଦିରେ ବୁଲି ସେ ମୁଢ଼ି ବ୍ୟବସାୟ କରିବା ସହ ପିଲାମାନଙ୍କୁ ଉଚ୍ଚଶିକ୍ଷିତ କରାଇଛନ୍ତି। ଏହାସହ ଜମି କିଣିବା ଏବଂ ନିଜ ପାଇଁ ଅର୍ଥ ସଞ୍ଚୟ କରି ପିଲାମାନଙ୍କ ବିବାହ ମଧ କରିବାରେ ଅବହେଳା କରିନାହାନ୍ତି।

ଅଚ୍ୟୁତାନନ୍ଦ ଏକ ଚାଷୀ ପରିବାରର। ଆର୍ଥିକ ଅନଟନ ଯୋଗୁ ପାଠପଢ଼ାରେ ଡୋରି ବାନ୍ଧି ବାପା ଓ ବଡ଼ଭାଇଙ୍କ ସହ ଚାଷ କାମ କରୁ କରୁ ମାତ୍ର ୧୫ବର୍ଷ ବୟସରେ ମୁଢ଼ି ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରତିଦିନ ସକାଳ ୬ଟାରୁ ବାହାରି ବାଲେଶ୍ୱର ସହରର ନୂଆସାହି, ସହଦେବଖୁଣ୍ଟା, ଚାନ୍ଦମାରିପଡ଼ିଆ, ଏଡ଼ିଏମ୍ ଛକ, ନୀଳକଣ୍ଠପୁର, ବିସିସେନ ରୋଡ୍, ବିବେକାନନ୍ଦ ମାର୍ଗ ଏବଂ ହସ୍‌ପିଟାଲର



ମୁଢ଼ି ବ୍ୟବସାୟୀ ଅଚ୍ୟୁତାନନ୍ଦ।

ଆଗପଛ ଅଞ୍ଚଳରେ ଗଳିକନ୍ଦି ବୁଲି ବୁଲି ମୁଢ଼ି ବିକ୍ରି କରିଥାନ୍ତି। ରେମୁଣା ଅଞ୍ଚଳର ଏକ ଏସ୍‌ଏଚ୍‌ଜି ମୁଢ଼ି ଭଜା କେନ୍ଦ୍ରଠାରୁ ୪୫୦ଟଙ୍କାରେ ଏକ ବୁରା ମୁଢ଼ି କିଣି ସେ ଅପରାହ୍ନ ୧ଟା ବେଳକୁ ମୋଟ ୭୫୦ ଟଙ୍କାରେ ବିକ୍ରି କରିଥାନ୍ତି। ପ୍ରତିଦିନ ୩ଶହ ଟଙ୍କା ଲାଭ ହୋଇଥାଏ। ଗ୍ରାହକ କଟିଯିବା ଭୟରେ ଏହି ପ୍ରକ୍ରିୟା ବର୍ଷା, ଶୀତ, ଗ୍ରୀଷ୍ମଦିନେ ମଧ ଚାଲୁ ରଖିଥାନ୍ତି। ଏଥିରୁ ଉପାର୍ଜିତ ଅର୍ଥରେ ବଡ଼ ପୁଅକୁ ପାଠ ପଢ଼ାଇ ଜଣେ ପ୍ରତିଷ୍ଠିତ ଠିକାଦାର ଭାବେ ପରିଚିତ କରାଇବା ସହ ସାନପୁଅକୁ ରେମୁଣା ବଜାରରେ ବ୍ୟବସାୟ କରିବାରେ ସହଯୋଗ ଦେଇଛନ୍ତି। ଅନ୍ୟପକ୍ଷରେ ଦୁଇ ଝିଅଙ୍କୁ ଉତ୍ତମ ବରପାତ୍ର ସହ ବିବାହ କରାଇଛନ୍ତି। ବର୍ତ୍ତମାନ ତାଙ୍କର ପରିବାରରେ ସ୍ତ୍ରୀ, ଦୁଇପୁଅ, ଦୁଇବୋହୂ, ଝିଅ ଜ୍ୱାଇଁଙ୍କ ସମେତ ୩ ନାତି ଓ ୨ ନାତୁଣୀ ଅଛନ୍ତି। ନାତୁଣୀନାତିମାନେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

କିନ୍ତୁ ଏତେ ଖୁସି ମଧ୍ୟରେ ଅଚ୍ୟୁତାନନ୍ଦ ନିଜକୁ ଅସହାୟ ମନେ କରୁଛନ୍ତି। କାରଣ ପ୍ରତିଦିନ ଘର ଘର ବୁଲି ମୁଢ଼ି ବିକ୍ରି କରିବା ଯୋଗୁ ପୁଅଠାରୁ ନାତୁଣୀନାତିଙ୍କ ସମ୍ମାନରେ ଆଞ୍ଚ ଆସୁଛି ବୋଲି ସେମାନେ ଅଭିଯୋଗ କରୁଛନ୍ତି। ସେଥିପାଇଁ ବ୍ୟବସାୟରୁ ନିବୃତ୍ତ ରହିବାକୁ ସେମାନେ ବାରମ୍ବାର ଚାପ ଦେଉଛନ୍ତି। ହେଲେ ଏହାକୁ ଖାତିର ନ କରି କିଛିଦିନ ହେଲା ଅଚ୍ୟୁତାନନ୍ଦ ତାଙ୍କ ସ୍ତ୍ରୀ ଓ ପରିବାରଠାରୁ ଅଲଗା ହୋଇ ଏକାକୀ ରହୁଛନ୍ତି। ଦୈନିକ ବ୍ୟବସାୟ ସାରି ଘରକୁ ଫେରିବା ବେଳେ ମନ୍ଦିରରୁ ପ୍ରସାଦ ନେଇ ଦୁଇଓଳି ଖାଇ ଜୀବନ ଅତିବାହିତ କରୁଛନ୍ତି। ସେଥିରେ ତାଙ୍କର ତିଳେମାତ୍ର ଦୁଃଖ ନାହିଁ। କିନ୍ତୁ ଯେଉଁ ବ୍ୟବସାୟ ଦୁର୍ଦ୍ଦିନରେ ସହାୟକ ହେବା ସହ ଏକ ସୁନ୍ଦର ପରିବାର ଗଢ଼ି ତୋଳିଛି ତାକୁ ଛାଡ଼ିବା ସମ୍ଭବ ନୁହେଁ ବୋଲି ଅଚ୍ୟୁତାନନ୍ଦ ପ୍ରକାଶ କରିଛନ୍ତି।

